# NATIONAL NEWS BULLETIN (ODIA)

## 19th May - 2025

## Morning Bulletin : 7.15 a.m.

************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ନେଦରଲାଣ୍ଡସ୍‌, ଡେନ୍‌ମାର୍କ ଓ ଜର୍ମାନୀକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଆଜିଠାରୁ ୬ ଦିନିଆ ଗସ୍ତ ।

- ପି.ଏସ୍‌.ଏଲ୍‌.ଭି. ସି-୬୧ ଉତ୍‌କ୍ଷେପଣ ବିଫଳତାର କାରଣ ଜାଣିବାପାଇଁ ତଦନ୍ତ କମିଟି ଗଠନ କଲା ଇସ୍ରୋ ।

- ମହାରାଷ୍ଟ୍ରର ସୋଲାପୁର ଜିଲ୍ଲା ଅନ୍ତର୍ଗତ ଏକ ବସ୍ତ୍ର ଉତ୍ପାଦନ କାରଖାନାରେ ଅଗ୍ନିକାଣ୍ଡ ଘଟି ୮ ଜଣଙ୍କ ମୃତ୍ୟୁ ।

- ରୁଷ-ୟୁକ୍ରେନ୍ ଯୁଦ୍ଧ ପରିସମାପ୍ତି ଲକ୍ଷ୍ୟ ନେଇ ଉଭୟ ରାଷ୍ଟ୍ରର ରାଷ୍ଟ୍ରପତି ଓ ନାଟୋ ସଦସ୍ୟ ରାଷ୍ଟ୍ରର ମୁଖ୍ୟଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିବେ ଆମେରିକା ରାଷ୍ଟ୍ରପତି ।

ଏବଂ

- ୧୯ ବର୍ଷରୁ କମ୍ ସାଫ୍-୨୦୨୫ ଫୁଟବଲ୍ ଟାଇଟଲ୍ ହାସଲ କଲା ଭାରତ ।

## ଇ.ଏ.ଏମ୍. - ନେଦରଲାଣ୍ଡସ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ନେଦର୍‌ଲାଣ୍ଡସ୍, ଡେନ୍‌ମାର୍କ ଏବଂ ଜର୍ମାନୀକୁ ୬ ଦିନିଆ ଗସ୍ତରେ ଯିବେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଡକ୍ଟର ଜୟଶଙ୍କର ଏହି ଗସ୍ତ ଅବସରରେ ୩ ଦେଶର ନେତୃବୃନ୍ଦଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଉପରେ ଡକ୍ଟର ଜୟଶଙ୍କର ଏହି ୩ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଇସ୍ରୋ - କମିଟି

ପି.ଏସ୍.ଏଲ୍.ଭି. ସି-୬୧ ଉତ୍କ୍ଷେପଣ ବିଫଳତାର କାରଣ ଜାଣିବାପାଇଁ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ - ଇସ୍ରୋ ପକ୍ଷରୁ ଏକ

ତଦନ୍ତ କମିଟି ଗଠନ କରାଯାଇଛି । ଇସ୍ରୋର ଅଧ୍ୟକ୍ଷ ଭି. ନାରାୟଣନ୍ କହିଛନ୍ତି, ଗତକାଲି କମିଟି ବିଭିନ୍ନ ପର୍ଯ୍ୟାୟ ଆଲୋଚନା କରିଛି । ସୂଚନାଯୋଗ୍ୟ, ଗତକାଲି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯାଇଥିବା ପି.ଏସ୍.ଏଲ୍.ଭି. ସି.-୬୧ ସହ ଉପଗ୍ରହ EOS-09 ତା'ର କକ୍ଷପଥରେ ପହଞ୍ଚିବାରେ ଅସଫଳ ହୋଇଥିଲା । ଏହି ବିଫଳତା ପରେ ଇସ୍ରୋ ଅଧ୍ୟକ୍ଷ ଡକ୍ଟର ନାରାୟଣନ୍ କହିଥିଲେ, ପି.ଏସ୍.ଏଲ୍.ଭି. ସି.-୬୧ ରକେଟ୍ ଏକ ଚାରିପର୍ଯ୍ୟାୟ ଉପଗ୍ରହବାହୀ ଯାନ । ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଥିବାବେଳେ କେତେକ ଅସଙ୍ଗତି ଯୋଗୁଁ ତୃତୀୟ ପର୍ଯ୍ୟାୟରେ ଏହା ବିଫଳ ହୋଇଥିଲା । ଏକ ପ୍ରଶ୍ନର ଉତ୍ତରରେ ଡକ୍ଟର ନାରାୟଣନ୍ କହିଛନ୍ତି, ଇସ୍ରୋ ଏହାର ଆଗାମୀ ଉତ୍କ୍ଷେପଣ କାର୍ଯ୍ୟକ୍ରମକୁ ଲକ୍ଷ୍ୟ ରଖି ପଦକ୍ଷେପ ଗ୍ରହଣ କରିବ । ମହାକାଶ ସଂସ୍ଥା ଚଳିତ ବର୍ଷ ପ୍ରତ୍ୟେକ ମାସରେ ଗୋଟିଏ ଲେଖାଏଁ ମିଶନ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି ବୋଲି ଡକ୍ଟର ନାରାୟଣନ୍ ସୂଚନା ଦେଇଛନ୍ତି ।

## ମହା - ଫାୟାର୍

ମହାରାଷ୍ଟ୍ରର ସୋଲାପୁର ଜିଲ୍ଲା ଅନ୍ତର୍ଗତ ଅକ୍କାଲ୍‌କୋଟ ରୋଡ୍ ସ୍ଥିତ ଏକ ବସ୍ତ୍ର ଉତ୍ପାଦନ କାରଖାନାରେ ଗତକାଲି ଅଗ୍ନିକାଣ୍ଡ ଘଟି ୮ ଜଣଙ୍କର ମୃତ୍ୟୁ ହୋଇଛି । କାରଖାନାର ମାଲିକ ଏବଂ ଏକ ଶ୍ରମିକ ପରିବାରର ସଦସ୍ୟ

ଏଥିରେ ଅନ୍ତର୍ଭୁକ୍ତ । ଅଗ୍ନିଶମ କର୍ମଚାରୀ ବହୁ ପରିଶ୍ରମ ପରେ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିପାରିଥିଲେ । ଏଥିପାଇଁ ସୋଲାପୁରର ବିଭିନ୍ନ ଅଞ୍ଚଳରୁ ଏକାଧିକ ଦମକଳ ସେଠାରେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲା । ନିଆଁ ଲିଭା ସମୟରେ ଅଗ୍ନିଶମ ବାହିନୀର କେତେ କର୍ମଚାରୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି । ସଟ୍‌ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି । ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

## ଏଫ.ପି.ଆଇ.

ଭାରତୀୟ ଇକ୍ୱିଟି ବଜାରରେ ବିଦେଶୀ ପୁଞ୍ଜିନିବେଶ ଚଳିତ ମାସରେ ୧୮ ହଜାର କୋଟି ଟଙ୍କାରୁ ଅଧିକ ହୋଇଥିବା ଜଣାପଡ଼ିଛି । ବିଶ୍ୱସ୍ତରୀୟ ପରିସ୍ଥିତି ଏବଂ ଘରୋଇ କ୍ଷେତ୍ରରେ ଉନ୍ନତି ଯୋଗୁଁ ଏହା ସମ୍ଭବ

ହୋଇପାରିଛି । ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ମାସରେ ଏପର୍ଯ୍ୟନ୍ତ ଏଫ୍.ପି.ଆଇ. ୧୮ ହଜାର ୬୨୦ କୋଟି ଟଙ୍କା ହୋଇଛି । ତେବେ ଅନ୍ୟପକ୍ଷରେ ଋଣ ବଜାରରୁ ୬ ହଜାର ୭୪୮ କୋଟି ଟଙ୍କା ପ୍ରତ୍ୟାହାର କରି ନିଆଯାଇଛି ।

## ପାକ୍ - ଆଇ.ଏମ୍.ଏଫ୍.

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି - ଆଇ.ଏମ୍.ଏଫ୍. ପାକିସ୍ତାନ ଉପରେ ୧୧ଟି ନୂତନ ସର୍ତ୍ତ ଲାଗୁ କରିଛି । ଭାରତ ଓ ପାକିସ୍ତାନ ମଧ୍ୟରେ ସାମ୍ପ୍ରତିକ ଉତ୍ତେଜନା ପରିସ୍ଥିତିରେ ଅଧିକ ପାଣ୍ଠି ପ୍ରଦାନ କରିବା ଉପରେ ବିପଦ ଥିବା ନେଇ ଆଇ.ଏମ୍.ଏଫ୍. ଏହି ପଦକ୍ଷେପ ନେଇଛି । ଏହି ୧୧ଟି ନୂତନ ସର୍ତ୍ତ ସହ ପାକିସ୍ତାନ ଉପରେ ଲାଗିଥିବା ସର୍ତ୍ତ ସଂଖ୍ୟା ୫୦କୁ ବୃଦ୍ଧି ପାଇଛି । ୧୭ ଲକ୍ଷ ୬୦ ହଜାର କୋଟି ଟଙ୍କା ବଜେଟ୍‌ର ସଂସଦୀୟ ଅନୁମୋଦନ ବିଦ୍ୟୁତ୍ ବିଲ୍ ଉପରେ ଋଣସେବା ସରଚାର୍ଜ ବୃଦ୍ଧି ଏବଂ ୩ ବର୍ଷରୁ ଅଧିକ ପୁରୁଣା ବ୍ୟବହୃତ କାର୍ ଆମଦାନୀ ଉପରେ କଟକଣା ଉଠାଇବା ଆଦି ନୂତନ ସର୍ତ୍ତ ଏଥିରେ ଅନ୍ତର୍ଭୁକ୍ତ ରହିଥିବା ଜଣାପଡ଼ିଛି । ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଜାରି ରହିଲେ ପାକିସ୍ତାନର ଆର୍ଥିକ ପରିସ୍ଥିତି ଅଧିକ

ଖରାପ ଆଡ଼କୁ ଗତିକରିବ ବୋଲି ଆଇ.ଏମ୍.ଏଫ୍. ପକ୍ଷରୁ ଆଶଙ୍କା କରାଯାଇଛି ।

## ୟୁ.ଏସ୍.-ଋଷ୍-ୟୁକ୍ରେନ୍ ଟକ୍ସ

ଋଷ୍-ୟୁକ୍ରେନ୍ ଯୁଦ୍ଧ ପରିସମାପ୍ତି ଲକ୍ଷ୍ୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ଉଭୟ ଦେଶର ରାଷ୍ଟ୍ରପତି ଏବଂ ନାଟୋ ସଦସ୍ୟ ରାଷ୍ଟ୍ର ନେତାଙ୍କ ସହିତ ପୃଥକ୍ ପୃଥକ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍, ୟୁକ୍ରେନ ରାଷ୍ଟ୍ରପତି ଭୋଲ୍ଦିମିର୍ ଜେଲେନେସ୍କିଙ୍କ ସହ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ପ୍ରତି ସପ୍ତାହରେ ଉଭୟ ପକ୍ଷର ୫ ହଜାର ସୈନିକଙ୍କର ରକ୍ତପାତକୁ ବନ୍ଦ କରିବାରେ ଏହି ଆଲୋଚନା ସହାୟକ ହେବ । କ୍ରେମ୍ଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ୍' ଶ୍ରୀ ଟ୍ରମ୍ପ୍ ଏବଂ ରାଷ୍ଟ୍ରପତି ଶ୍ରୀ ପୁତିନ୍ଙ୍କ ମଧ୍ୟରେ ଟେଲିଫୋନ ବାର୍ତ୍ତାଳାପ ନେଇ ପ୍ରସ୍ତୁତି ଚାଲିଥିବା ନିଶ୍ଚିତ କରିଛନ୍ତି । ଅନ୍ୟପକ୍ଷରେ ୟୁକ୍ରେନ ରାଷ୍ଟ୍ରପତି ଶ୍ରୀ ଜେଲେନେସ୍କି ଗତକାଲି ରୋମ୍‌ଠାରେ ବରିଷ୍ଠ ଆମେରିକୀୟ ଅଧିକାରୀ ଏବଂ ୟୁରୋପୀୟ ନେତାଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜେଲେନେସ୍କି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି

ଆଲୋଚନା କାଳରେ ରୁଷ୍ ବିରୋଧରେ କଟକଣା, ଦ୍ୱିପାକ୍ଷିକ ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ, କଏଦୀ ବିନିମୟ ଆଦି ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲେ ।

ରୁଷ୍ ରାଷ୍ଟ୍ରପତି ଶ୍ରୀ ପୁତିନ୍ କହିଛନ୍ତି, ୟୁକ୍ରେନ୍ ବିରୋଧରେ ଅଭିଯାନ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାପାଇଁ ରୁଷ୍ ପାଖରେ ପର୍ଯ୍ୟାପ୍ତ ସାମରିକ ସାମର୍ଥ୍ୟ ରହିଛି । ରୁଷ୍ର ସରକାରୀ ଗଣମାଧ୍ୟମ ସହ ଏକ ସାକ୍ଷାତ୍କାରରେ ଶ୍ରୀ ପୁତିନ୍ କହିଛନ୍ତି, ପରମାଣୁ ଅସ୍ତ୍ର ବ୍ୟବହାର କରିବାପାଇଁ ରୁଷ୍କୁ ବିଭିନ୍ନ ଦିଗରୁ ବାଧ୍ୟ କରାଯାଇଥିଲା । ତେବେ ଏହାକୁ ବ୍ୟବହାର ନ କରି ଲକ୍ଷ୍ୟପୂରଣ କରିବାର ସାମର୍ଥ୍ୟ ରୁଷ୍ର ରହିଛି ବୋଲି ସେ କହିଛନ୍ତି । ଉଭୟ ଦେଶ ମଧ୍ୟରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ, ଦୀର୍ଘସ୍ଥାୟୀ ଶାନ୍ତି ପରିସ୍ଥିତି ଏବଂ ରୁଷ୍କୁ ସୁରକ୍ଷା ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ପୁତିନ୍ ଉଲ୍ଲେଖ କରିଛନ୍ତି ।

## ରୋମାନିଆ ପୋଲ୍ସ

ରୋମାନିଆ ରାଷ୍ଟ୍ରପତି ନିର୍ବାଚନରେ ବୁଚାରେଷ୍ଟର ମେୟର ନିକୁସର ଦାନ୍ ବିଜୟୀ ହୋଇଛନ୍ତି । ସେ ୫୪ ପ୍ରତିଶତ ଭୋଟ ପାଇଛନ୍ତି । ଅନ୍ୟପକ୍ଷରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜର୍ଜ ସିମିଅନ୍ ୪୬ ପ୍ରତିଶତ

ଭୋଟ୍ ପାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଦାନ କହିଛନ୍ତି, ଏହି ସଫଳତା ଅଭୂତପୂର୍ବ ଏବଂ ପ୍ରତ୍ୟେକ ରୋମାନିଆବାସୀଙ୍କ ପାଇଁ ଏହା ଉତ୍ସର୍ଗୀକୃତ । ୟୁରୋପୀୟ ସଂଘର ସଭାପତି ଉର୍ସୁଲା ଭନ୍ ଦେର୍ ଲେୟେନ୍ ଏହି ସଫଳତା ପାଇଁ ଶ୍ରୀ ଦାନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାରୋଗର ନିରାକରଣ ଓ ଚିକିତ୍ସା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏମ୍‌ସର ପଲ୍‌ମୋନାରୀ ମେଡସିନ୍ ବିଭାଗର ସହକାରୀ ପ୍ରଫେସର ଡାକ୍ତର ସୌରଭ ମିତ୍ତଲ ଏବଂ ସଫଦରଜଙ୍ଗ ହସ୍ପିଟାଲ୍‌ର ପଲ୍‌ମୋନାରୀ ମେଡିସିନ୍ ବିଭାଗ ମୁଖ୍ୟ ଡାକ୍ତର ରୋହିତ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ସାଫ୍ ୟୁ-୧୯ ଫୁଟ୍‌ବଲ୍

ଭାରତ ୧୯ ବର୍ଷରୁ କମ୍ ଦକ୍ଷିଣ ଏସିଆନ୍ ଫୁଟ୍‌ବଲ୍ ଫେଡେରେସନ୍ - ସାଫ୍-୨୦୨୫ ଫୁଟ୍‌ବଲ ଟାଇଟଲ୍ ହାସଲ କରିଛି । ଅରୁଣାଚଳ ପ୍ରଦେଶର ୟୁପିଆଠାରେ ଗତାକଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଆରେ ବାଂଲାଦେଶକୁ ୪-୩ ଗୋଲ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛି । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ' ଦିଲ୍ଲୀ କ୍ୟାପିଟାଲ୍‌ସକୁ ୧୦ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଗୁଜରାଟ ପ୍ରଥମେ ଦିଲ୍ଲୀକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ଦିଲ୍ଲୀ ୩ ୱିକେଟ୍ ବିନିମୟରେ ୧୯୯ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ଗୁଜରାଟ୍ ୧୯ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ହାସଲ କରିପାରିଥିଲା । ଦଳ

ପକ୍ଷରୁ ସାଇ ସୁଦର୍ଶନ ଅପରାଜିତ ଶତକ ହାସଲ କରିଥିବାବେଳେ ଅଧିନାୟକ ଶୁଭ୍‌ମନ ଗିଲ୍ ୫୩ଟି ବଲ୍‌ରୁ ଅପରାଜିତ ୯୩ ରନ୍ ସଂଗ୍ରହ କରିଥିଲେ । ସାଇ ସୁଦର୍ଶନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଏହି ବିଜୟ ସହ ଗୁଜରାଟ ଟାଇଟନ୍‌ସ ପଏଣ୍ଟ ତାଲିକାର ଶୀର୍ଷକୁ ଉନ୍ନୀତ ହେବା ସହ ପ୍ଲେ ଅଫ୍ ପର୍ଯ୍ୟାୟରେ ପହଞ୍ଚିଛି ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ' ରାଜସ୍ଥାନ ରୟାଲ୍‌ସ ୧୦ ରନ୍‌ରେ ପରାସ୍ତ କରିଥିଲା । ତେବେ ଉଭୟ ଦଳ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି ।

ଆଜି ଲକ୍ଷ୍ନୌ ସୁପର ଜାଏଣ୍ଟ୍ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ଲକ୍ଷ୍ନୌର ଏକନା ଷ୍ଟାଡିୟମର୍ ମ୍ୟାଚ୍ ଖେଳାଯିବ ।

*****